"ମିଠେ ବଚ୍ଚେ:— ବାବା ଆସିଛନ୍ତି କଣ୍ଟାରୁ ଫୁଲ କରିବା ପାଇଁ, ବାବାଙ୍କର ସ୍ନେହ କଣ୍ଟା ସହିତ ମଧ୍ୟ ରହିଛି ଏବଂ ଫୁଲ ସହିତ ମଧ୍ୟ ରହିଛି । ବାବା କଣ୍ଟାମାନଙ୍କୁ ହିଁ ଫୁଲ କରିବାର ପରିଶ୍ରମ କରୁଛନ୍ତି ।"

**ପ୍ରଶ୍ନ:-** ଯେଉଁ ପିଲାମାନଙ୍କର ଜ୍ଞାନର ଧାରଣା ହେଉଥିବ ସେମାନଙ୍କର ଲକ୍ଷଣ ଶୁଣାଅ ?

**ଉତ୍ତର:-** ସେମାନେ ନିଶ୍ଚିତ ଚମତ୍କାର କରି ଦେଖାଇବେ । ସେମାନେ ନିଜର ଏବଂ ଅନ୍ୟମାନଙ୍କର କଲ୍ୟାଣ ନ କରି ରହିପାରିବେ ନାହିଁ । ଯଦି ତାଙ୍କୁ ଜ୍ଞାନର ତୀର ଲାଗିଗଲା ତେବେ ସେମାନେ ନଷ୍ଟୋମୋହା ହୋଇ ରୁହାନୀ ସେବାରେ ଲାଗିଯିବେ । ସେମାନଙ୍କର ଅବସ୍ଥା ମଧ୍ୟ ସ୍ଥିର ଏବଂ ଅଚଳ-ଅଟଳ ହୋଇଥିବ, କେବେହେଲେ କୌଣସି କାର୍ଯ୍ୟ ଅଜ୍ଞାନୀଙ୍କ ଭଳି କରିବେ ନାହିଁ । କାହାକୁ ବି ଦୁଃଖ ଦେବେ ନାହିଁ । ଅବଗୁଣ ରୂପୀ କଣ୍ଟାଗୁଡିକୁ ନିଜ ଭିତରୁ ବାହାର କରି ଚାଲିବେ ।

ଓମ୍ ଶାନ୍ତି । ଏକଥା ତ ପିଲାମାନେ ଜାଣିଛନ୍ତି ବାବା ଲିବର ଘଣ୍ଟା ଅଟନ୍ତି । ବିଲକୁଲ୍ ସଠିକ୍ ସମୟରେ କଣ୍ଟାକୁ ଫୁଲ କରିବା ପାଇଁ ଆସୁଛନ୍ତି । ଏଥିରେ ଗୋଟିଏ ସେକେଣ୍ଡ କମ୍ ବେଶୀ ହୋଇପାରିବ ନାହିଁ । ଟିକିଏ ବି ଫରକ ପଡିପାରିବ ନାହିଁ । ଏକଥା ମଧ୍ୟ ମଧୁର ସନ୍ତାନଗଣ ଜାଣିଛନ୍ତି କି ବର୍ତ୍ତମାନ ଏହା କଳିଯୁଗୀ କଣ୍ଟାର ଜଙ୍ଗଲ ଅଟେ । ତେଣୁ ଫୁଲ ସମାନ ହେଉଥିବା ପିଲାମାନଙ୍କୁ ଏକଥା ହୃଦୟଙ୍ଗମ ହେବା ଦରକାର ଯେ ଆମେ ଫୁଲ ହେଉଛୁ । ପ୍ରଥମେ ଆମେ ସମସ୍ତେ କଣ୍ଟା ସମାନ ଥିଲୁ, କେହି ଛୋଟ ତ ଆଉ କେହି ବଡ କଣ୍ଟା ଥିଲେ । କେହି ବହୁତ ଦୁଃଖ ଦେଇଥା'ନ୍ତି ଆଉ କେହି କମ୍ ଦୁଃଖ ଦେଇଥା'ନ୍ତି । ତେବେ ବାବାଙ୍କର ସ୍ନେହ ତ ସମସ୍ତଙ୍କ ସହିତ ରହିଛି । ସେଥିପାଇଁ ଗାୟନ ମଧ୍ୟ ରହିଛି କଣ୍ଟା ଏବଂ ଫୁଲ ସହିତ ମଧ୍ୟ ସ୍ନେହ ରହିଛି । ପ୍ରଥମେ କାହା ସହିତ ସ୍ନେହ ଅଛି ? ନିଶ୍ଚିତ ଭାବରେ କଣ୍ଟା ସମାନ ଥିବା ଆତ୍ମାଙ୍କ ସହିତ ଅଛି । ଏତେ ସ୍ନେହ ରହିଛି ଯେ ପରିଶ୍ରମ କରି ସେହି କଣ୍ଟାକୁ ଫୁଲ କରୁଛନ୍ତି । ବାବା ଏହି କଣ୍ଟାର ଦୁନିଆକୁ ହିଁ ଆସୁଛନ୍ତି ଏଥିରେ ସର୍ବବ୍ୟାପୀର କୌଣସି କଥା ନାହିଁ । ଜଣଙ୍କର ହିଁ ମହିମା ହୋଇଥାଏ । ଆତ୍ମାର ହିଁ ମହିମା ହୋଇଥାଏ । ଯେବେ ଆତ୍ମା ଶରୀର ଧାରଣ କରି ଅଭିନୟ କରିଥାଏ ତେବେ ଆତ୍ମା ହିଁ ଶ୍ରେଷ୍ଠାଚାରୀ ହୋଇଥାଏ ଏବଂ ଆତ୍ମା ହିଁ ଭ୍ରଷ୍ଟାଚାରୀ ହୋଇଥାଏ । ଆତ୍ମା ଶରୀର ଧାରଣ କରି ଯେପରି କର୍ମ କରିଥାଏ, ସେହି ଅନୁସାରେ କୁହାଯାଏ ଇଏ କୁକର୍ମୀ ବା ଇଏ ସୁକର୍ମୀ ଅଟନ୍ତି । ଆତ୍ମା ହିଁ ଭଲ ଅଥବା ମନ୍ଦ କର୍ମ କରିଥାଏ । ତେଣୁ ତୁମେ ନିଜକୁ ପଚାର ତୁମେ ସତ୍ୟଯୁଗୀ ଦୈବୀ ଫୁଲ ଅଟ ଅଥବା କଳିଯୁଗୀ ଆସୁରୀ କଣ୍ଟା ସମାନ ଅଟ ? କେଉଁଠି ସତ୍ୟଯୁଗ ଏବଂ କେଉଁଠି କଳିଯୁଗ । କେଉଁଠି ଦୈବୀ ସ୍ୱଭାବ ଏବଂ କେଉଁଠି ଆସୁରୀ ସ୍ୱଭାବ । ଏଥିରେ ବହୁତ ଫରକ ରହିଛି । ଯେଉଁମାନେ କଣ୍ଟା ସମାନ ଅଟନ୍ତି ସେମାନେ ନିଜକୁ ଫୁଲ ବୋଲି କହିପାରିବେ ନାହିଁ, ଫୁଲ ତ ସତ୍ୟଯୁଗରେ ଥା'ନ୍ତି । କଳିଯୁଗରେ ନୁହେଁ । ବର୍ତ୍ତମାନ ହେଉଛି ସଂଗମଯୁଗ । ଯେତେବେଳେ କି ତୁମେ କଣ୍ଟାରୁ ଫୁଲ ହେଉଛ । ଶିକ୍ଷକ ଶିକ୍ଷା ଦେଉଛନ୍ତି, ପିଲାମାନଙ୍କର କାମ ହେଲା ତାକୁ ପରିଶୁଦ୍ଧ କରି ବିତରଣ କରିବା । ସେଥିରେ ଏକଥା ମଧ୍ୟ ଲେଖ ଯେ ଯଦି ତୁମେ ଫୁଲ ହେବାକୁ ଚାହୁଁଛ ତେବେ ନିଜକୁ ଆତ୍ମା ଭାବ ଏବଂ ଫୁଲ କରିଲାବାଲା ପରମପିତା ପରମାତ୍ମାଙ୍କୁ ମନେପକାଅ ତେବେ ତୁମର ଅବଗୁଣ ସମାପ୍ତ ହୋଇଯିବ ଏବଂ ତୁମେ ସତ୍ତୋପ୍ରଧାନ ହୋଇଯିବ । ବାବା ପ୍ରବନ୍ଧ ଦେଉଛନ୍ତି, ପିଲାମାନଙ୍କର କାମ ହେଲା ଏହାକୁ ଠିକ୍ କରି ଛପାଇବା । ତେବେ ସବୁ ମନୁଷ୍ୟମାନେ ଚିନ୍ତାରେ ପଡିଯିବେ । ଏହା ହେଉଛି ପାଠପଢା, ବାବା ତୁମକୁ ଅବିନାଶୀ ଇତିହାସ-ଭୂଗୋଳ ପଢାଉଛନ୍ତି । ଦୁନିଆରେ ଥିବା ସ୍କୁଲରେ ତ ପୁରୁଣା ଦୁନିଆର ଇତିହାସ-ଭୂଗୋଳ ପଢାଯାଇଥାଏ । ନୂଆଦୁନିଆର ଇତିହାସ-ଭୂଗୋଳ ତ କେହି ଜାଣି ନାହାଁନ୍ତି । ତେଣୁ କରି ଏହା ପାଠପଢା ସହିତ, ଜ୍ଞାନ ମଧ୍ୟ ଅଟେ । କୌଣସି ପ୍ରକାର ବିକାରୀ କର୍ମ କରିବା ଅଜ୍ଞାନତା ଅଟେ । ପୁଣି ବୁଝାଯାଉଛି ଯେ ଏହି ବିକାରୀ ଦୁଃଖଦାୟୀ କାମ କରିବା ଉଚିତ୍ ନୁହେଁ । ସେଥିପାଇଁ ଦୁଃଖହର୍ତ୍ତା, ସୁଖକର୍ତ୍ତା ବାବାଙ୍କର ମହିମା ରହିଛି ନା । ଏଠାରେ ତୁମେ ମଧ୍ୟ ଶିଖୁଛ ଯେ କାହାକୁ ଦୁଃଖ ଦେବାର ନାହିଁ । ବାବା ଶିକ୍ଷା ଦେଉଛନ୍ତି— ସର୍ବଦା ସୁଖ ଦେଇଚାଲ । ଏହି ଅବସ୍ଥା ତୁରନ୍ତ ହୋଇଯିବ ନାହିଁ । ତୁମେ ଗୋଟିଏ ସେକେଣ୍ଡରେ ବାବାଙ୍କଠାରୁ ସମ୍ପତ୍ତି ନେଇପାରିବ । ସମ୍ପତ୍ତି ହେଲା ସ୍ୱର୍ଗର ରାଜତ୍ୱ । ତୁମେ ବୁଝାଇ ମଧ୍ୟ ପାରିବ ଯେ ପାରଲୌକିକ ପିତାଙ୍କଠାରୁ ଭାରତକୁ ବିଶ୍ୱର ବାଦଶାହୀ ମଧ୍ୟ ମିଳିଥିଲା । ତୁମେ ସମସ୍ତେ ବିଶ୍ୱର ମାଲିକ ଥିଲ । ଏଥିପାଇଁ ତୁମର ଆନ୍ତରିକ ଖୁସି ରହିବା ଉଚିତ୍ । ଏହା କାଲିର କଥା, ଯେତେବେଳେ କି ତୁମେ ସ୍ୱର୍ଗର ମାଲିକ ଥିଲ । କିନ୍ତୁ ମନୁଷ୍ୟମାନେ କହୁଛନ୍ତି ଏହା ଲକ୍ଷ-ଲକ୍ଷ ବର୍ଷର କଥା ଅଟେ । କେଉଁଠି ଗୋଟିଏ ଯୁଗର ଆୟୁଷକୁ ଲକ୍ଷ-ଲକ୍ଷ ବର୍ଷ କହିଦେଉଛନ୍ତି, ଏଠାରେ କିନ୍ତୁ ସାରା କଳ୍ପର ଆୟୁଷ ୫ ହଜାର ବର୍ଷ ଅଟେ । ଏଥିରେ ବହୁତ ଫରକ ରହିଛି ।

ଏକମାତ୍ର ଅବିନାଶୀ ବାବା ହିଁ ଜ୍ଞାନର ସାଗର ଅଟନ୍ତି । ତେଣୁ ତାଙ୍କଠାରୁ ଦୈବୀଗୁଣ ଧାରଣ କରିବା ଉଚିତ୍ । ଏହି ଦୁନିଆର ମନୁଷ୍ୟମାନେ ଦିନ ପ୍ରତିଦିନ ତମୋପ୍ରଧାନ ହୋଇ ଅଧିକ ଅବଗୁଣ ଶିଖିବାରେ ଲାଗିଛନ୍ତି । ଆଗରୁ ଏତେ ଭ୍ରଷ୍ଟାଚାର, ଅପମିଶ୍ରଣ ନଥିଲା, ଏବେ ବଢିଚାଲିଛି । ଏବେ ତୁମେ ବାବାଙ୍କର ୟାଦର ବଳ ଦ୍ୱାରା ସତ୍ତୋପ୍ରଧାନ ହୋଇ ଚାଲିଛ । ଯେପରି ତଳକୁ ଓହ୍ଲାଉଛ, ସେହିପରି ଭାବରେ ଚଢିବାକୁ ହେବ । ପ୍ରଥମେ ତ ବାବା ମିଳିଛନ୍ତି ଏଥିପାଇଁ ଖୁସି ହେଉଛ । ବାବାଙ୍କ ସହିତ ସଂଯୋଗ ଯୋଡି ହୋଇଗଲା

ପୁଣି ୟାଦର ଯାତ୍ରା କରିବାକୁ ହେବ । ଯେଉଁମାନେ ଅଧିକ ଭକ୍ତି କରିଥିବେ ସେମାନେ ୟାଦର ଯାତ୍ରାରେ ମଧ୍ୟ ଅଧିକ ସମୟ ରହୁଥିବେ । ଅନେକ ସନ୍ତାନ କହୁଛନ୍ତି ବାବା ଏହି ସ୍ମୃତିର ଯାତ୍ରା ସ୍ଥାୟୀ ହୋଇ ରହୁନାହିଁ । ଭକ୍ତିରେ ମଧ୍ୟ ଏହିପରି ହୋଇଥାଏ । କଥା ଶୁଣିବାକୁ ବସିବା ମାତ୍ରେ ବୁଦ୍ଧି ଅନ୍ୟ ଆଡକୁ ଚାଲିଯାଏ । ଶୁଣାଇଲାବାଲା ଏକଥା ଦେଖି ପୁଣି ଅଚାନକ ପଚାରିଥା'ନ୍ତି ଯେ ମୁଁ କ'ଣ ଶୁଣାଇଲି ତେବେ ବାଉଳା ହୋଇଯାଇଥା'ନ୍ତି । ଦ୍ୱନ୍ଦ୍ୱରେ ପଡିଥା'ନ୍ତି, ଆଉ କେହି ତୁରନ୍ତ କହିଦେଇଥା'ନ୍ତି । ସମସ୍ତେ ତ ଏକାଭଳି ହୋଇନଥା'ନ୍ତି । ଯଦିଓ ଏଠାରେ ବସିଛନ୍ତି କିନ୍ତୁ ଧାରଣା କିଛି ବି ନାହିଁ । ଯଦି ଧାରଣା ହେଉଥାନ୍ତା ତେବେ କମାଲ କରି ଦେଖାଇଥାନ୍ତେ । ଏମାନେ ନିଜର ଏବଂ ଅନ୍ୟମାନଙ୍କର କଲ୍ୟାଣ କରିବା ବିନା ରହିପାରିବେ ନାହିଁ । ଯଦିଓ କାହାକୁ ଘରେ ବହୁତ ସୁଖ ମିଳିଥାଏ । ମହଲ, ମୋଟର ଆଦିଥାଏ କିନ୍ତୁ ଥରେ ଯଦି ଜ୍ଞାନର ନିଶା ଲାଗିଗଲା ତେବେ ସ୍ୱାମୀକୁ କହିବେ ଯେ ମୁଁ ଏହି ରୁହାନୀ ସେବା କରିବା ପାଇଁ ଚାହୁଁଛି । କିନ୍ତୁ ମାୟା ବହୁତ ଶକ୍ତିଶାଳୀ ଅଟେ, ଯାହାକି କରିବାକୁ ଦେଇନଥାଏ । ମୋହ ରହିଥାଏ ନା । ଏତେ ମହଲ, ଏତେ ସୁଖ କିପରି ଛାଡିବୁ । ଆରେ, ଏମାନେ ସମସ୍ତେ ଆଗରୁ ଆସିଛନ୍ତି, ଯେଉଁମାନେ କି ବଡ-ବଡ ଲକ୍ଷପତି, କୋଟିପତି ଘରର ଥିଲେ, ସବୁ କିଛି ଛାଡିକରି ଚାଲିଆସିଲେ । ସେମାନଙ୍କ ଭାଗ୍ୟରୁ ହିଁ ଜଣାପଡିଯାଇଥାଏ । ସେଥିପାଇଁ ତ୍ୟାଗ କରିବାର ଶକ୍ତି ନଥାଏ । ଏମାନେ ରାବଣ ଜଞ୍ଜିରରେ ବନ୍ଧା ହୋଇଛନ୍ତି । ଏହା ହେଲା ବୁଦ୍ଧିର ଜଞ୍ଜିର । ବାବା ବୁଝାଉଛନ୍ତି— ଆରେ, ତୁମେ ସ୍ୱର୍ଗର ମାଲିକ ପୂଜ୍ୟ ହେଉଛ । ବାବା ଗ୍ୟାରେଣ୍ଟି ଦେଉଛନ୍ତି ୨୧ ଜନ୍ମ ତୁମେ କେବେ ରୋଗରେ ପଡିବ ନାହିଁ । ୨୧ ଜନ୍ମ ପର୍ଯ୍ୟନ୍ତ ସର୍ବଦା ସୁସ୍ଥ ରହିବ । ଯଦିଓ ତୁମେ ନିଜ ସ୍ୱାମୀଙ୍କ ପାଖରେ ରହୁଛ କିନ୍ତୁ ତାଙ୍କଠାରୁ ଅନୁମତି ଆଣ ଯେ ମୁଁ ନିଜେ ପବିତ୍ର ରହି ଅନ୍ୟମାନଙ୍କୁ ପବିତ୍ର କରାଇବି । ତୁମର କର୍ତ୍ତବ୍ୟ ହେଲା ବାବାଙ୍କୁ ମନେ ପକାଇବା । ଯାହା ଦ୍ୱାରା ଅସରନ୍ତି ସୁଖ ମିଳିଥାଏ ଏହିଭଳି ତୁମେ ବାବାଙ୍କୁ ମନେ ପକାଇ-ପକାଇ ତମୋପ୍ରଧାନରୁ ସତ୍ତୋପ୍ରଧାନ ହୋଇଯିବ । ଏହା ବୁଝିବାର କଥା ଅଟେ । ଏହି ଶରୀର ଉପରେ କୌଣସି ଭରସା ନାହିଁ ତେଣୁ ତୁମେ ବାବାଙ୍କର ହୋଇଯାଅ । ବାବାଙ୍କ ଭଳି ପ୍ରିୟ ବସ୍ତୁ ଆଉ କିଛି ନାହିଁ । ବାବା ବିଶ୍ୱର ମାଲିକ କରୁଛନ୍ତି, କହୁଛନ୍ତି ତୁମେ ପୁରୁଷାର୍ଥ କରି ସଂପୂର୍ଣ ସତ୍ତୋପ୍ରଧାନ ହୋଇପାରିବ । ତୁମେମାନେ ସେଠାରେ ଅସରନ୍ତି ସୁଖ ଦେଖିବ ବାବା ସ୍ୱର୍ଗର ଦ୍ୱାର ଏହି ନାରୀମାନଙ୍କ ଦ୍ୱାରା ଖୋଲୁଛନ୍ତି । ମାତାମାନଙ୍କ ଉପରେ ହିଁ ଜ୍ଞାନର କଳସ ରଖାଯାଇଥାଏ । ବାବା ମାତାମାନଙ୍କୁ ଟ୍ରଷ୍ଟ ତିଆରି କରି ଟ୍ରଷ୍ଟି କରିଛନ୍ତି, କହୁଛନ୍ତି ସବୁ କିଛି ତୁମେ ମାତାମାନେ ସମ୍ଭାଳ । ଏହାଙ୍କ ଦ୍ୱାରା ବାବା କଳସ ରଖିଛନ୍ତି ନା । କିନ୍ତୁ ଶାସ୍ତ୍ରରେ ଲେଖି ଦେଇଛନ୍ତି ସାଗର ମନ୍ଥନ କଲେ, ଅମୃତର କଳସ ଲକ୍ଷ୍ମୀଙ୍କୁ ଦେଲେ । ଏବେ ତୁମେ ଜାଣୁଛ— ବାବା ସ୍ୱର୍ଗର ଦ୍ୱାର ଖୋଲୁଛନ୍ତି । ତେବେ କାହିଁକି ଆମେ ବାବାଙ୍କଠାରୁ ସମ୍ପତ୍ତି ନ ନେବୁ । କାହିଁକି ବିଜୟ ମାଳାରେ ନ ଆସିବୁ କାହିଁକି ମହାବୀର ନହେବୁ । ଅବିନାଶୀ ବାବା ପିଲାମାନଙ୍କୁ ନିଜର କୋଳକୁ ନେଉଛନ୍ତି— କ'ଣ ପାଇଁ ? ସ୍ୱର୍ଗର ମାଲିକ କରିବା ପାଇଁ । ଏକଦମ୍ କଣ୍ଟାମାନଙ୍କୁ ବାବା ଆସି ଶିକ୍ଷା ଦେଉଛନ୍ତି । ତେଣୁ କଣ୍ଟା ପ୍ରତି ମଧ୍ୟ ବାବାଙ୍କର ସ୍ନେହ ରହିଛି ନା ସେଥିପାଇଁ ତ ଏମାନଙ୍କୁ ଫୁଲ କରୁଛନ୍ତି । ବାବାଙ୍କୁ ଏହି ପତିତ ଦୁନିଆ ଏବଂ ପତିତ ଶରୀରକୁ ହିଁ ଡାକୁଛନ୍ତି ଯେ ତୁମେ ନିର୍ବାଣଧାମ ଛାଡି ଏଠାକୁ ଆସ । ବାବା କହୁଛନ୍ତି ଡ୍ରାମା ଅନୁସାରେ ମୋତେ କଣ୍ଟାର ଦୁନିଆକୁ ହିଁ ଆସିବାକୁ ପଡୁଛି । ତେବେ ନିଶ୍ଚିତ ଭାବରେ ସ୍ନେହ ଅଛି ନା । ବିନା ସ୍ନେହରେ ଫୁଲ କିପରି କରିବେ ? ଏବେ ତୁମେ କଳିଯୁଗୀ କଣ୍ଟାରୁ ସତ୍ୟଯୁଗୀ ଦେବତା ସତ୍ତୋପ୍ରଧାନ ବିଶ୍ୱର ମାଲିକ ହୁଅ । ତୁମକୁ କେତେ ସ୍ନେହର ସହିତ ବୁଝାଯାଉଛି । କୁମାରୀମାନେ ଫୁଲ ସମାନ ଅଟନ୍ତି ସେଥିପାଇଁ ତ ସମସ୍ତେ କୁମାରୀଙ୍କର ପାଦ ତଳେ ପଡିଥା'ନ୍ତି । କୁମାରୀ ଯେବେ ପତିତ ହୋଇଯାନ୍ତି ତେବେ ତାଙ୍କୁ ମଧ୍ୟ ସମସ୍ତଙ୍କ ପାଖରେ ମୁଣ୍ଡ ନୁଆଁଇବାକୁ ପଡିଥାଏ । ତେଣୁ କ'ଣ କରିବା ଦରକାର ? ସର୍ବଦା ଫୁଲ ସମାନ ପବିତ୍ର ରୁହ ତେବେ ସଦାସର୍ବଦା ଫୁଲ ସମାନ ହୋଇଯିବ । କୁମାରୀ ତ ନିର୍ବିକାରୀ ଅଟେ ନା । ଭଲେ ବିକାର ଦ୍ୱାରା ଜନ୍ମ ନେଇଛନ୍ତି । ଯେପରି ସନ୍ନ୍ୟାସୀ ମଧ୍ୟ ବିକାର ଦ୍ୱାରା ଜନ୍ମ ନେଇଥା'ନ୍ତି ନା । ବିବାହ କରି ପୁଣି ଘର ଦ୍ୱାର ଛାଡି ପଳାଇଥା'ନ୍ତି । ସେମାନଙ୍କୁ ପୁଣି ମହାନ୍ ଆତ୍ମା କହିଥା'ନ୍ତି । କେଉଁଠି ସତ୍ୟଯୁଗର ମହାନ ଆତ୍ମା ବିଶ୍ୱର ମାଲିକ ଏବଂ କେଉଁଠି ଏହି କଳିଯୁଗର ମହାନ ଆତ୍ମା । ସେଥିପାଇଁ ବାବା କହୁଛନ୍ତି— ପ୍ରଶ୍ନ ଲେଖ କି ତୁମେ କଳିଯୁଗୀ କଣ୍ଟା ଅଟ ବା ସତ୍ୟଯୁଗୀ ଫୁଲ ? ଭ୍ରଷ୍ଟାଚାରୀ ଅଟ ବା ଶ୍ରେଷ୍ଠାଚାରୀ ?

ଏହା ହେଉଛି ଭ୍ରଷ୍ଟାଚାରୀ ଦୁନିଆ ଯେତେବେଳେ କି ରାବଣର ରାଜ୍ୟ ଚାଲିଛି । କହୁଛନ୍ତି ଏହା ଆସୁରୀ ରାଜ୍ୟ, ରାକ୍ଷସ ରାଜ୍ୟ ଅଟେ । କିନ୍ତୁ ନିଜକୁ କେହି ଆସୁରୀ ପ୍ରକୃତିର ବୋଲି ଭାବୁଛନ୍ତି କି! ଏବେ ତୁମେମାନେ ଯୁକ୍ତିର ସହିତ ପ୍ରଶ୍ନ ପଚାରୁଛ ତେଣୁ ସେମାନେ ସ୍ୱତଃ ବୁଝିଯାଉଛନ୍ତି ଯେ ବାସ୍ତବରେ ଆମେ କାମୀ, କ୍ରୋଧୀ, ଲୋଭୀ ଅଟୁ । ପ୍ରଦର୍ଶନୀରେ ମଧ୍ୟ ଏହିଭଳି ଲେଖ ତେବେ ସେମାନଙ୍କର ହୃଦବୋଧ ହେବ ଯେ ବାସ୍ତବିକ ମୁଁ କଳିଯୁଗୀ କଣ୍ଟା ସମାନ ଅଟେ । ଏବେ ତୁମେମାନେ ଫୁଲ ସମାନ ହେବାକୁ ଯାଉଛ । ବାବା ତ ସଦାସର୍ବଦା ଫୁଲ ଅଟନ୍ତି । ସିଏ କେବେ କଣ୍ଟା ଅର୍ଥାତ୍ ଅପବିତ୍ର ହେଉନାହାଁନ୍ତି । ବାକି ଆଉ ସମସ୍ତେ କଣ୍ଟା ସଦୃଶ ଅପବିତ୍ର ହେଉଛନ୍ତି । ତେଣୁ ସେହି ପବିତ୍ର ଫୁଲ ଭଳି ବାବା କହୁଛନ୍ତି— ମୁଁ ତୁମକୁ ମଧ୍ୟ କଣ୍ଟାରୁ ଫୁଲ କରୁଛି । ତେଣୁ ତୁମେ ମୋତେ ମନେ ପକାଅ । ମାୟା କେତେ ଶକ୍ତିଶାଳୀ ଅଟେ । ତେବେ ତୁମକୁ କ'ଣ ମାୟାଧୀନ ହେବାର ଅଛି ? ବାବା ତୁମକୁ ନିଜ ଆଡକୁ ଆକର୍ଷିତ କରୁଛନ୍ତି । ମାୟା ପୁଣି ନିଜ ଆଡକୁ ଟାଣୁଛି । ଏହି ଶରୀର ଆମର ପୁରୁଣା ଜୋତା ସମାନ ଅଟେ । ଆତ୍ମାକୁ ପ୍ରଥମେ ନୂଆ ଶରୀର ମିଳିଥାଏ ପରେ ଏହା ପୁରୁଣା ହୋଇଥାଏ । ବର୍ତ୍ତମାନ ସମସ୍ତଙ୍କର ଶରୀର ତମୋପ୍ରଧାନ ହୋଇଯାଇଛି । ମୁଁ ତୁମକୁ ମଖମଲ ସମାନ ମୂଲ୍ୟବାନ କରିଦେଉଛି । ସତ୍ୟଯୁଗରେ ଆତ୍ମା ପବିତ୍ର ହେବା ଯୋଗୁଁ ଶରୀର ମଧ୍ୟ ସେହିଭଳି ସୁନ୍ଦର ହୋଇଥାଏ । ଏଥିରେ କୌଣସି ପ୍ରକାର ଡିଫେକ୍ଟ ଅର୍ଥାତ୍ ତ୍ରୁଟି ନଥାଏ । ଏଠାରେ ତ ବହୁତ ଡିଫେକ୍ଟ ଅର୍ଥାତ୍ ତ୍ରୁଟି ରହିଛି । ସେଠାକାର ଚେହେରା ଦେଖ କେତେ

ସୁନ୍ଦର ସେଭଳି ଚେହେରା ତ ଏଠାରେ କେହି ତିଆରି କରିପାରିବେ ନାହିଁ । ଏବେ ବାବା ମଧ୍ୟ କହୁଛନ୍ତି ମୁଁ ତୁମକୁ କେତେ ଉଚ୍ଚ କରୁଛି ତେଣୁ ତୁମେ ଘର ଗୃହସ୍ଥରେ ରହି କମଳ ସମାନ ପବିତ୍ର ହୁଅ ଏବଂ ଜନ୍ମ ଜନ୍ମାନ୍ତରର ଯେଉଁ ପାପ ରହିଛି, ତାକୁ ଚୁକ୍ତ କରିବା ପାଇଁ ଯୋଗଯୁକ୍ତ ରୁହ । ଏହି ଯୋଗ ଅଗ୍ନି ଦ୍ୱାରା ସବୁ ପାପ ଭସ୍ମ ହୋଇଯିବ । ଏହା ଦ୍ୱାରା ତୁମେ ପକ୍କା ସୁନା ଭଳି ପବିତ୍ର ହୋଇଯିବ । ବାବା ଖାଦ ବାହାର କରିବାର ବହୁତ ଭଲ ଯୁକ୍ତି ବତାଉଛନ୍ତି, କହୁଛନ୍ତି ମୋତେ ମନେ ପକାଅ । ତୁମ ବୁଦ୍ଧିରେ ଏହି ଜ୍ଞାନ ରହିଛି । ଆତ୍ମା ମଧ୍ୟ ବହୁତ ଛୋଟ ଅଟେ । ଯଦି ବଡ ହେବ ତେବେ ଏଥିରେ ପ୍ରବେଶ କରିପାରିବ ନାହିଁ । କିପରି କରିବ ? ଆତ୍ମାକୁ ଦେଖିବା ପାଇଁ ଡାକ୍ତରମାନେ ବହୁତ ଚେଷ୍ଟା କରୁଛନ୍ତି । କିନ୍ତୁ ଦେଖିପାରୁ ନାହାଁନ୍ତି । ସାକ୍ଷାତ୍କାର ମଧ୍ୟ ହୋଇଥାଏ କିନ୍ତୁ ସାକ୍ଷାତ୍କାର ଦ୍ୱାରା କୌଣସି ଫାଇଦା ହୋଇନଥାଏ । ଧରିନିଅ ଯଦି ତୁମକୁ ବୈକୁଣ୍ଠର ସାକ୍ଷାତ୍କାର ହେଲା କିନ୍ତୁ ଏହାଦ୍ୱାରା ଫାଇଦା କ’ଣ ? ପୁରୁଣା ଦୁନିଆ ସମାପ୍ତ ହେଲେ ତ ବୈକୁଣ୍ଠବାସୀ ହେବେ । ଏଥିପାଇଁ ତୁମେ ଯୋଗର ଅଭ୍ୟାସ କର ।

ତେଣୁ ବାବା ବୁଝାଉଛନ୍ତି ପିଲାମାନେ, ପ୍ରଥମେ ମୁଁ କଣ୍ଟାକୁ ସ୍ନେହ କରୁଛି । ବାବା ହିଁ ସବୁଠାରୁ ଅଧିକ ସ୍ନେହୀ, ସ୍ନେହର ସାଗର ଅଟନ୍ତି । ତୁମେମାନେ ମଧ୍ୟ ବାବାଙ୍କ ଭଳି ମିଠା ହେଉଛ । ବାବା ବୁଝାଉଛନ୍ତି ନିଜକୁ ଆତ୍ମା ଭାବି ଭାଇ-ଭାଇକୁ ଦେଖ ତେବେ ତୁମର ବିକାରୀ ଖିଆଲ ସମାପ୍ତ ହୋଇଯିବ । ଭାଇ-ଭଉଣୀର ସମ୍ବନ୍ଧରେ ମଧ୍ୟ ବୁଦ୍ଧି ଚଞ୍ଚଳ ହୋଇଥାଏ ସେଥିପାଇଁ ତୁମେ ଭାଇ-ଭାଇକୁ ଦେଖ । ସେଠାରେ ଅର୍ଥାତ୍ ପରମଧାମରେ ତ ଶରୀର ରହିବ ନାହିଁ ଯାହା ଦ୍ୱାରା ଶରୀରର ଅଭିମାନ ଆସିବ ବା ମୋହ ଆସିଯିବ । ବାବା ଆତ୍ମାମାନଙ୍କୁ ହିଁ ପାଠ ପଢାଉଛନ୍ତି । ତେଣୁ ତୁମେ ମଧ୍ୟ ନିଜକୁ ଆତ୍ମା ବୋଲି ଭାବ । ଏହି ଶରୀର ବିନାଶୀ ଅଟେ, ଏଥିରେ ମନ ଲଗାଇବାର ନାହିଁ । ସତ୍ୟଯୁଗରେ ଶରୀର ସହିତ ସ୍ନେହ ରହିନଥାଏ । ତୁମେ ମୋହଜିତ୍ ରାଜାଙ୍କର କଥା ଶୁଣିଛ ନା । କହିଲେ ଆତ୍ମା ଗୋଟିଏ ଶରୀର ଛାଡି ଯାଇ ଆଉ ଗୋଟିଏ ନେଇଥାଏ । ଆମକୁ ଅଭିନୟ ମିଳିଛି, ତେଣୁ ମୋହ କାହିଁକି ରଖିବୁ ? ସେଥିପାଇଁ ବାବା ମଧ୍ୟ କହୁଛନ୍ତି ଖବରଦାର ରହିବାର ଅଛି । ମାଆ ଅଥବା ସ୍ତ୍ରୀ ମଲେ ମଧ୍ୟ ନଷ୍ଟୋମୋହା ହେବାର ଅଛି । ଏହି ପ୍ରତିଜ୍ଞା କର ଯେ କେହି ବି ମଲେ ଆମର କାନ୍ଦିବାର ନାହିଁ । ତେଣୁ ତୁମେ ବାବାଙ୍କୁ ମନେ ପକାଇ, ସତ୍ତୋପ୍ରଧାନ ହୁଅ । ସତ୍ତୋପ୍ରଧାନ ହେବାର ଆଉ କୌଣସି ରାସ୍ତା ନାହିଁ । ପୁରୁଷାର୍ଥ କରିବା ଦ୍ୱାରା ହିଁ ବିଜୟ ମାଳାର ଦାନା ହେବ । ତୁମେ ପୁରୁଷାର୍ଥ ଦ୍ୱାରା ଯାହା ଚାହିଁବ ତାହା ହୋଇପାରିବ । ବାବା ଜାଣିଛନ୍ତି କଳ୍ପ ପୂର୍ବରୁ ତୁମେ ଯେତିକି ପୁରୁଷାର୍ଥ କରିଥିବ ସେତିକି କରିବ । ବାବା ତ ଦୀନବନ୍ଧୁ ଅଟନ୍ତି । ଗରୀବମାନଙ୍କୁ ହିଁ ଦାନ ଦିଆଯାଇଥାଏ ନା । ବାବା ସ୍ୱୟଂ କହୁଛନ୍ତି ମୁଁ ମଧ୍ୟ ସାଧାରଣ ଶରୀରରେ ଆସୁଛି ନା । ନା ଗରୀବ, ନା ସାହୁକାର ଶରୀରରେ ଆସୁଛି । ତୁମେମାନେ ହିଁ ବାବାଙ୍କୁ ଜାଣିଛ, ବାକି ସାରା ଦୁନିଆ ତ ସର୍ବବ୍ୟାପୀ କହିଦେଉଛି । ବାବା ଏଭଳି ଧର୍ମ ସ୍ଥାପନ କରୁଛନ୍ତି ଯାହା ଦ୍ୱାରା ସେଠାରେ ଦୁଃଖର ନାମ ମଧ୍ୟ ରହିବ ନାହିଁ ।

ଭକ୍ତିମାର୍ଗରେ ମନୁଷ୍ୟ ଆଶୀର୍ବାଦ ମାଗିଥା’ନ୍ତି । ଏଠାରେ ତ କୃପାର କୌଣସି କଥା ନାହିଁ ତେବେ କାହା ପାଖରେ ମୁଣ୍ଡ ନୁଆଁଇବେ ? ଇଏ ତ ବିନ୍ଦୁ ଅଟନ୍ତି ନା । ବଡ ଜିନିଷ ହୋଇଥିଲେ ମୁଣ୍ଡ ନୁଆଁଇଥାନ୍ତେ । ଛୋଟ ଜିନିଷ ହୋଇଥିବାରୁ ମୁଣ୍ଡିଆ ମାରି ପାରିବେ ନାହିଁ । ହାତ ମଧ୍ୟ କାହାକୁ ଯୋଡିବେ, ଭକ୍ତିମାର୍ଗର ଏହି ଚିହ୍ନ ସବୁ ଗୁପ୍ତ ହୋଇଯିବ । ହାତ ଯୋଡିବା ମଧ୍ୟ ଭକ୍ତିମାର୍ଗ ହୋଇଯାଉଛି । ଭାଇ-ଭଉଣୀ ଘରେ କ’ଣ ପରସ୍ପରକୁ ହାତ ଯୋଡିଥା’ନ୍ତି କି ? ଉତ୍ତରାଧିକାରୀ କରିବା ପାଇଁ ସନ୍ତାନ ମାଗିଥା’ନ୍ତି । ପିଲାମାନେ ମାଲିକ ଅଟନ୍ତି ନା ସେଥିପାଇଁ ବାବା ପିଲାମାନଙ୍କୁ ନମସ୍କାର କରୁଛନ୍ତି । ବାବା ତ ପିଲାମାନଙ୍କର ସେବାଧାରୀ ଅଟନ୍ତି । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ୍ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

**ଧାରଣା ପାଇଁ ମୁଖ୍ୟ ସାର :—**

(୧) ବିନାଶୀ ଶରୀର ସହିତ ମନ ଲଗାଇବାର ନାହିଁ । ମୋହଜିତ ହେବାର ଅଛି । ପ୍ରତିଜ୍ଞା କର ଯେ କେହି ବି ଶରୀର ଛାଡିଦେଉ କିନ୍ତୁ ଆମେ କାନ୍ଦିବୁ ନାହିଁ ।

(୨) ବାବାଙ୍କ ସମାନ ମିଠା ହୋଇ ସମସ୍ତଙ୍କୁ ସୁଖ ଦେବାର ଅଛି । କାହାକୁ ବି ଦୁଃଖ ଦେବାର ନାହିଁ । କଣ୍ଟାକୁ ଫୁଲ କରିବାର ସେବା କରିବାକୁ ହେବ । ନିଜର ଏବଂ ଅନ୍ୟମାନଙ୍କର କଲ୍ୟାଣ କରିବାକୁ ହେବ ।

**ବରଦାନ:-** ଦେହ ଅଭିମାନଠାରୁ ଦୂରେଇ ରହି ପରମାତ୍ମ ସ୍ନେହର ଅନୁଭବ କରୁଥିବା କମଳ ଆସନଧାରୀ ହୁଅ ।

କମଳ ଆସନ ବ୍ରାହ୍ମଣ ଆତ୍ମାମାନଙ୍କର ଶ୍ରେଷ୍ଠ ସ୍ଥିତିର ପ୍ରତୀକ ଅଟେ । ଏହିଭଳି କମଳ ଆସନଧାରୀ ଆତ୍ମାମାନେ ଏହି ଦେହର ଅଭିମାନଠାରୁ ଆପେ ଆପେ ପୃଥକ ରହିଥା’ନ୍ତି । ସେମାନଙ୍କୁ ଦେହର ସ୍ମୃତି ନିଜ ଆଡକୁ ଆକର୍ଷିତ କରିନଥାଏ । ଯେପରି ବ୍ରହ୍ମାବାବାଙ୍କୁ ଚାଲୁଥିବା ବୁଲୁଥିବା ସମୟରେ ଫରିସ୍ତା ସ୍ୱରୂପ ବା ଦେବତା ସ୍ୱରୂପ ସଦାସର୍ବଦା ସ୍ମୃତିରେ ରହୁଥିଲା । ସେହିଭଳି ଆତ୍ମ-ଅଭିମାନୀ ସ୍ଥିତି ସ୍ୱାଭାବିକ ଭାବରେ ସବୁବେଳେ ରହିଥାଉ ତେବେ କୁହାଯିବ ଦେହ-ଅଭିମାନଠାରୁ ଊର୍ଦ୍ଧ୍ୱରେ ରହୁଥିବା ଆତ୍ମା । ଏହିଭଳି ଦେହ-ଅଭିମାନ ଠାରୁ

ଉର୍ଦ୍ଧ୍ୱରେ ରହୁଥିବା ଆତ୍ମା ହିଁ ପରମାତ୍ମାଙ୍କର ପ୍ରିୟ ହୋଇଥା'ନ୍ତି ।

**ସ୍ଲୋଗାନ:-** ତୁମର ଗୁଣ ବା ବିଶେଷତା ଗୁଡିକ ପ୍ରଭୁ ପ୍ରସାଦ ଅଟେ ସେଗୁଡିକୁ ମୋର ବୋଲି ଭାବିବା ହିଁ ଦେହ-ଅଭିମାନ ଅଟେ ।

*** **ଓମ୍ ଶାନ୍ତି** ***